[redacted]

ନିଜର ଘର ତିଆରି କର

## ମାଟିରେ ତିଆରି ଘର

### ୧.ବିଭିନ୍ନ ପ୍ରକାର ମାଟି

ତୁମର ଆବଶ୍ୟକ ହେବ:

ତୁମ ଘର କିମ୍ବା ବିଦ୍ୟାଳୟ ନିକଟରେ ଥିବା ବିଭିନ୍ନ ସ୍ଥାନରୁ ଦୁଇ କିମ୍ବା ତିନି ପ୍ରକାର ମାଟି, ଯେପରିକି ଚାଷ ଜମି, ବଗିଚା, ଖେଳ ପଡିଆ, ପୋଖରୀ, ଝରଣା, ସଡକ, କୋଠା ଘର ନିର୍ମାଣ ସ୍ଥାନ କିମ୍ବା କୁମ୍ଭାରର କାର୍ଯ୍ୟ ସ୍ଥଳ, ମାଟିକୁ ଓଦା କରିବା ପାଇଁ ଜଳ I

ପ୍ରତ୍ୟେକ ପ୍ରକାର ମାଟି ପାଇଁ:

**a.** ପଥର ଗୁଡିକୁ ବାହାର କର ଓ ମାଟି କୁ ଦେଖ । ମାଟିର ରଙ୍ଗ କୁ ବର୍ଣ୍ଣନା କର I

**b.** ଆଙ୍ଗୁଳୀ ଓ ପାପୁଲି ମଧ୍ୟରେ ମାଟି କୁ ଘଷନ୍ତୁ । ଯେତେବେଳେ ଏହା ଶୁଖିଯାଏ ଏବଂ ପୁନର୍ବାର ଘଷ ଏହା ଯେତେବେଳେ ଓଦା ହୁଏ I

**c.** ମାଟି ଶୁଖିଗଲେ ଏହାକୁ ଶୁଙ୍ଘ ଏବଂ ପୁନର୍ବାର ଶୁଙ୍ଘ ଯେତେବେଳେ ଏହା ଓଦା ଥିବ I

**d.** ମାଟି କୁ କାଗଜରେ ଘଷ I

**e.** ଯାଞ୍ଚ କର ଯେ କାଦୁଅ ହାତରୁ ଧୋଇବା ସହଜ ଅଟେ ।





### ଯତ୍ନବାନ ହେବା!

ଅପରିଷ୍କାର ସ୍ଥାନ ଯେପରି ଅଳିଆ ଗଦା ଓ ବାହାର ଶୌଚସ୍ଥାନରୁ ମାଟି ଆଣ ନାହିଁ
ମାଟିରେ ଖେଳି ସାରିଲା ପରେ ହାତ ଓ ନଖକୁ ଭଲ ଭାବରେ ଧୁଅ ।
ଯଦି ତୁମେ ମାଟି ହାତରେ ଖାଅ , ମଇଳା ଓ ଜୀବାଣୁ ତୁମ ପେଟରେ ପ୍ରବେଶ କରିବ ଓ ତୁମକୁ ଅସୁସ୍ଥ କରିବ।



## ୨.ଚାଲ ଇଟା ତିଆରି  କରିବା!

ତୁମକୁ ଆବଶ୍ୟକ ହେବ
ଦୁଇଟି ଖାଲି ମାଚିସ ବାକ୍ସ , ଦୁଇ କିମ୍ବା ତିନି ପ୍ରକାରର ମାଟି ।
ଚଟାଣରେ ବିଛେଇବା ପାଇଁ ଖବର କାଗଜ, ମଗ ଓ ବାଲଟିଏ ପାଣି
।
ମାଟିକୁ ଅଳ୍ପ ପଣିରେ ମିଶାଅ ଯାହାଫଳରେ ତୁମେ ତାହାକୁ
ହାତରେ ଆକୃତି କରିପାରିବ
ଏକ ମାଚିସ ବାହ୍ୟ କଭରକୁ କାଟି ଖୋଲ ।
ଏହା ତୁମର ଛାଞ୍ଚ ।



ମାଚିସ ବାକ୍ସରେ ଏକ
ଛୋଟ ମାଟି ମେଞ୍ଚାକୁ
ଦବାଅ । ଏହାକୁ ଘୋଡାଅ
ଏବଂ ବନ୍ଦ କର । ଅତ୍ୟଧିକ
କାଦୁଅକୁ ବାହାର କର ।



ଇଟାକୁ ଛାଞ୍ଚରୁ ବାହାର କର । ଏହି ଉପାୟରେ ପ୍ରାୟ
୧୦ଟି ଇଟା ତିଆରି କର । ତୁମର ଇଟାକୁ ଶୁଖିବାକୁ ଦିଅ ।
ଅନ୍ୟ ଏକ ମାଟିର ମଧ୍ୟ ଇଟା ତିଆରି କର ।
[illegible] ଧ୍ୟକଳାପ [illegible] ଡ଼ିକ ଆବଶ୍ୟକ
[illegible] ।

## ୩. କର ଏବଂ ଭାବ!

ତୁମେ ମଧ୍ୟ ନିଜ ହାତରେ ଇଟା ତିଆରି କରିପାରିବ । ତାହାହେଲେ ତୁମକୁ ଏକ ଛାଞ୍ଚ କାହିଁକି ଦରକାର ?
କେଉଁଟି ଭାରି , ଗୋଟିଏ ଓଦା ଇଟା କିମ୍ବା ଗୋଟିଏ ଶୁଖିଲା ଇଟା ।  କାହିଁକି?
ଛାଇରେ ୫ ଟି ଇଟା ଏବଂ ଗରମ ଖରାରେ ୫ ଇଟାକୁ ଶୁଖାନ୍ତୁ । କେଉଁ ଇଟା ଗୁଡ଼ିକ ଶୀଘ୍ର ଶୁଖିବ ?
କେଉଁ ସେଟ ଇଟା ଅଧିକ ଶକ୍ତିଶାଳୀ ବୋଲି ତୁମେ ଭାବୁଛ।

## ୪. ତୁମର ଇଟା  କେତେ ଶକ୍ତିଶାଳୀ?

### ତୁମକୁ ଆବଶ୍ୟକ ହେବ

ତୁମେ  ତିଆରି କରିଥିବା  ବିଭିନ୍ନ ପ୍ରକାରର ମାଟିର ଇଟା
ଏକ ଖଣ୍ଡ ନିର୍ମାଣ ଇଟା
ଗୋଟିଏ  ଖଣ୍ଡ ପଥର ଏବଂ
ଗୋଟିଏ  ଥାଳି ପାଣି.

ସମାନ ଉଚ୍ଚତାରୁ ପ୍ରତ୍ୟେକ  ଇଟା ପକାନ୍ତୁ । କେଉଁ  ଇଟା  ଭାଙ୍ଗିବ ?

ପ୍ରତ୍ୟେକ ପ୍ରକାର ଇଟାକୁ ପଥରରେ ଧୀରେ ଧୀରେ ବାଡାନ୍ତୁ ? କେଉଁ ଇଟା ସହଜରେ ଭାଙ୍ଗିବ ?





ପ୍ରତ୍ୟକ ପ୍ରକାର ଇଟାକୁ ଏକ ପଣି ଥିବା ଥଳିରେ ଭିଜାନ୍ତୁ । କେଉଁ  ଇଟା ସହଜରେ ପାଣିରେ ନରମ ହୋଇଯିବ ?
କେଉଁ ଗୁଡିକ ସବୁଠାରୁ ଶକ୍ତିଶାଳୀ ଇଟା?

### ଚିନ୍ତାକର ! ଚିନ୍ତାକର !

ପ୍ରକୃତ ଘର ତିଆରି କରିବାକୁ ତୁମର ଇଟା ଯଥେଷ୍ଟ ଶକ୍ତିଶାଳୀ କି ?  ପ୍ରବଳ ବର୍ଷା ପରେ ଘରର କଣ ହେବ ?

ଘର ତିଆରି କରିବା ପାଇଁ ତୁମକୁ ଇଟା ବାଛିବାକୁ ପଡିବ । ଇଟା ଗୁଡିକ ଶକ୍ତିଶାଳୀ ହେବା କିମ୍ବା ସହଜରେ ଛୋଟ ଛୋଟ ଖଣ୍ଡ ହୋଇ ଭାଙ୍ଗିବା ଉଚିତ କି ?  ସେଗୁଡି କୁ ହାଲୁକ କିମ୍ବା ଭାରି ହେବା ଉଚିତ  କି?

## ୫. ଗୋଟିଏ କାନ୍ଥ ନିର୍ମାଣ କର ।

ତୁମର ଏବଂ ତୁମ ସଙ୍ଗ ମାନଙ୍କ ଦ୍□ାରା ଇଟା ସଂଗ୍ରହ କର । କାନ୍ଥ ତିଆରି କରିବା ପାଇଁ ସେଗୁଡିକୁ ଏକାଠି ରଖ ।



କେଉଁ ପ୍ରକାର ଏକତ୍ରିତ (ଏକାଠି ) କାଲେ କାନ୍ଥ ଶକ୍ତିଶାଳୀ ହେବ ?
ତୁମ କାନ୍ଥ କୁ ଅଧିକ ଶକ୍ତିଶାଳୀ କରିବା ପାଇଁ ତୁମେ ଏକ ଉପାୟ ଖୋଜି ପାରିବ କି ?
ତୁମେ ଏକ କାନ୍ଥ ତିଆରି କର ଯାହା ସହଜରେ ଖସିବ  ନାହିଁ .







## ୬. ଘର ନିର୍ମାଣ କର

ତୁମ କୁ ଆବଶ୍ୟକ ହେବ:
ମାଟି ଯାହାକି କାର୍ଯ୍ୟକଳାପ ୨ ଓ ୩ ରେ ଶକ୍ତିଶାଳୀ ଇଟା ତିଆରି ହୋଇଥିଲା । ଗୋଟିଏ କାର୍ଡବୋର୍ଡ,ଖବର କାଗଜ ଏବଂ ଜଳ ।
ତୁମେ ଘର ତିଆରିରେ ସାହାଯ୍ୟ ପାଇଁ ଆବଶ୍ୟକ ଅନ୍ୟାନ୍ୟ ଜିନିଷ ବିଷୟରେ ଚିନ୍ତା କରି ପାର ।

ମାଟିରୁ ଇଟା ତିଆରି କର । ଇଟା ଗୁଡିକ ଓଦା ଥିବା ବେଳେ ଘର ନିର୍ମାଣ ପାଇଁ ଇଟାଗୁଡିକ ଏକତ୍ର ରଖ । ଇଟା ଗୁଡିକୁ ଧୀରେ ଧୀରେ ତଳକୁ ଦବାଅ । ଏହା ସେମାନଙ୍କୁ ପରସ୍ପର ସହିତ ବାନ୍ଧି ରଖିବ ।

ନିଶ୍ଚିତ କର ଯେ ତୁମ ଘରେ ଅତିକମରେ ଗୋଟିଏ କବାଟ ଓ ଗୋଟିଏ ଝରକା ପାଇଁ ଖୋଲା ଅଛି ।

ତୁମ ଘର ଛାତ ତିଆରି କରିବା ପାଇଁ ଏକ ଉପାୟ ଖୋଜ । ତୁମେ ତିଆରି କରିଥିବା ଘରର ଚିତ୍ର ଅଙ୍କନ କର । ଘରର ଅଂଶ ଗୁଡିକୁ ନାମାଙ୍କିତ (ଲେବଲ ) କର । ଘର ତିଆରି କରିବା ପାଇଁ ତୁମେ ବ୍ୟବହାର କରିଥିବା ସାମଗ୍ରୀର ନାମ ଲେଖ ।

## ୭.ମାଟିକୁ ଫେରିବା ।

ତୁମର ଖେଳନା ଘର ବିଦ୍ୟାଳୟ କୁ ସୁନ୍ଦର କରିବ । ଶିକ୍ଷାବର୍ଷ ଶେଷରେ ତୁମର ଇଟା ଏବଂ ଘର ନେଇ ସେହି ମାଟିରେ ରଖ ଯେଉଁ ଠାରୁ ସେଇ ମାଟି ଆଣିଥିଲ।

### ଶବ୍ଦ ଗୁଡିକୁ ଜାଣ:

| | |
|---|---|
| ଏକତ୍ର କରିବା | ହାତୁଡି |
| ଲାଗି ରହିବା | ଛୋଟ ଛୋଟ ଖଣ୍ଡ |

## ପ୍ରଶ୍ନାବଳୀ

ଗୁଣ !

୧. ମିନି ତାର ଇଟା କୁ ଏକତ୍ରିତ କରିଛି । ତାର ପ୍ରତ୍ୟକ ଧାଡିରେ ୮ ଟି ଇଟା ଓ ଅନ୍ୟଟି ଉପରେ ୬ ଟି ଧାଡି ଅଛି । ତେବେ ତାର କେତୋଟି ଇଟା ଅଛି?

୨. ତୁମର ଇଟା କୁ ବ୍ୟବହାର କରି ବିଭିନ୍ନ ସଂଖ୍ୟା ତିଆରି କର:



୩୦୦୦ + ୭୦୦ + ୧୦ + ୫ = ୩୭୧୫

## ନାମ ଓ ଚିତ୍ର

୧. ଗୋଟିଏ ଇଟା

୨. ଏକ ଇଟା କାନ୍ଥ

୩. ତୁମେ ଦେଖିଥିବା ବିଭିନ୍ନ ପ୍ରକାର ଘର

୪. ରାଜମିସ୍ତ୍ରୀ ଦ୍□ାରା ବ୍ୟବହୃତ ଉପକରଣ ଗୁଡ଼ିକ

## କ'ଣ ସମାନ ? କ'ଣ ଅଲଗା ?

୧. ଦୁଇଟି ସମାନତା ଏବଂ ଦୁଇଟି ପାର୍ଥକ୍ୟ ଦିଅ ଲେଖ l

**a.** ବଗିଚା ମାଟି ଏବଂ ବାଲି ।

**b.** ମାଟି ଏବଂ ସିମେଣ୍ଟ ।

**c.** ଏକ ଓଦା ଇଟା ଏବଂ ଶୁଖିଲା ଇଟା ।

## କହ ଏବଂ ଲେଖ

୧. ମୁଁ କିପରି ଇଟା ତିଆରି କଲି।

**(**ଜଣେସଙ୍ଗ କୁ ଏକ ଚିଠିରେ ବର୍ଣନା କର ଯେ ତୁମେ ଏହି କରଜ୍ୟକାଳପ ଗୁଡ଼ିକ କିପରି କଲ। **)**

୨. ମୁଁ ଦେଖିଲି ଏକ ଘର ନିର୍ମାଣ ହେଉଛି ।

**(**ତୁମ ଶିକ୍ଷକଙ୍କୁ କୁହ **:** ତୁମେ ସେଠାରେ କ'ଣ ଦେଖିଲ **?** ଘର ନିର୍ମାଣ ରେ କେତେ ଲୋକ ସହାୟ୍ୟ କରୁଥିଲେ **?** ସେମାନେ କଣ କରୁଥିଲେ **,** କେଉଁ ସାମଗ୍ରୀ ଏବଂ କେଉଁ ଉପକରଣ କିମ୍ବା ମେସିନ ବ୍ୟବହାର କରୁଥିଲେ ତାହା ବର୍ଣନା କର। **)**

## ପଚାର ଏବଂ ଖୋଜ

୧. ଇଟା କିପରି ତିଆରି କରାଯାଏ **?**

୨. ଇଟା କାନ୍ଥ ନିର୍ମାଣରେ କେଉଁ ସାମଗ୍ରୀ ବ୍ୟବହୃତ ହୁଏ **?**

## ସମାଧାନ କର

୧. ଗୋଟିଏ କପ ଓଦା ମାଟିରେ **7**ଟି ଇଟା ବନିବ **।** ତିନି କପ ଓଦା ମାଟିରେ କେତୋଟି ଇଟା ତିଆରି କରାଯାଇ ପାରିବ**?**

୨. ପ୍ରଥମେ ଏହି ପ୍ରଶ୍ନର ଉତ୍ତର ଅନୁଧ୍ୟାନ କର **।** ତ ପରେ ତାହା କର ଏବଂ ଦେଖ**:**

ଗୋଟିଏ କପ ଶୁଖିଲା ମାଟିକୁ ଗୋଟିଏ କପପାଣିରେ ମିଶ୍ରଣ କର **।** ମିଶ୍ରଣ ଟି କେତୋଟି କପ ପୂରଣ କରିବ**?**

## ପ୍ରଶ୍ନଟିଏ ପଚାର

୧. ଘର ଗୁଡିକ କିପରି ତିଆରି ହୁଏ ସେ ବିଷୟରେ ପ୍ରଶ୍ନ ପଚାର **।** ତୁମେ କିପରି ଏହାର ଉତ୍ତର ପାଇବ ଚିନ୍ତା କର। **.**

## ଆପଣ ଜାଣିଛନ୍ତି କି**?**

- ଯେତେବେଳେ କୋଟି କୋଟି ବର୍ଷ ଧରି ପୃଥିବୀ ଭିତରେ ବାଲି ଦବିଯାଏ, ଏହା ବହୁତ କଠିନ ବାଲୁକା ପଥରରେ ପରିଣତ ହୁଏ । ଦିଲ୍ଲୀର ଲାଲଦୁର୍ଗ ବାଲୁକା ପଥରରୁ ନିର୍ମିତ ।